# କୃଷି ଉତ୍ପାଦର ସୁନିଶ୍ଚିତ ସର୍ବନିମ୍ନ ଲାଭକାରୀ ମୂଲ୍ୟ ବିଲ, ୨୦୧୭ (ସାରାଂଶ)

| |
|---|
| ଏହି ବିଲଟି ସମସ୍ତ ଚାଷୀଙ୍କୁ ନିଜ କୃଷି ଉତ୍ପାଦ ବିକ୍ରୟ ବା ସେହି ପ୍ରକାର କାରବାର ଜରିଆରେ ନିଶ୍ଚିତ ସର୍ବନିମ୍ନ ଲାଭକାରୀ ମୂଲ୍ୟ ପାଇବାର ଅଧିକାର ପ୍ରଦାନ କରିବାକୁ ଉଦ୍ଦିଷ୍ଟ। |

ଚାଷୀମାନେ ନିଜ କୃଷି ଉତ୍ପାଦ ବିକ୍ରୟ ବା ସେହି ପ୍ରକାର କାରବାର ଜରିଆରେ ନିଶ୍ଚିତ ସର୍ବନିମ୍ନ ଲାଭକାରୀ ମୂଲ୍ୟ ପାଇବାକୁ ଆବଶ୍ୟକୀୟ ବ୍ୟବସ୍ଥା ସମ୍ପର୍କରେ ନିମ୍ନରେ ଉପସ୍ଥାପନ କରାଯାଇଛି।

## ପ୍ରଥମ ଅଧ୍ୟାୟ : ସଂଜ୍ଞା

୧। **"କୃଷି"** ଅର୍ଥାତ ଫଳ ଚାଷ, ଔଷଧୀୟ ବୃକ୍ଷ ଚାଷ, ମୁଖ୍ୟ ଫସଲ ସହିତ ଅନ୍ତଃ ଫସଲ ଚାଷ, ପନିପରିବା ଚାଷ, ଦୁଗ୍ଧ ଉତ୍ପାଦନ, ଜଙ୍ଗଲଜାତ ଦ୍ରବ୍ୟ (ଗୌଣ) ସଂଗ୍ରହ, ଫୁଲ,ଘାସ, ଗୋଖାଦ୍ୟ ଉଦ୍ଦେଶ୍ୟରେ ଘାସ ବା ଗଛ ଚାଷ ବା ମାଟିରେ କରାଯାଉଥିବା ଅନ୍ୟ ଯେ କୌଣସି ଚାଷ, ଚାରା ପ୍ରସ୍ତୁତି, ପଶୁଧନ ଉତ୍ପାଦନ ଓ ଲାଳନପାଳନ (ଖାଦ୍ୟ ରୂପେ ବ୍ୟବହାର କରାଯାଉଥିବା ମାଛ, ଶାମୁକା ଆଦି, ମହୁମାଛି, ଟସର, କୁକୁଡା, ବତକ, ଗୋରୁଗାଈ, ଘୁଷୁରି ଆଦି) ଏବଂ କୃଷି ଉପଯୋଗୀ କାର୍ଯ୍ୟରେ ଜମିର ବ୍ୟବହାର ବା ଅନ୍ୟ କୌଣସି କୃଷି ଭିତ୍ତିକ କାର୍ଯ୍ୟ ପାଇଁ ଜମିର ବ୍ୟବହାର;

୨। **"କୃଷକ"** ଅର୍ଥାତ ଜୀବିକାର୍ଜ୍ଜନ ବା ଆର୍ଥିକ ରୋଜଗାର ନିମନ୍ତେ ଫସଲ ଉପୁଜାଇବା କାର୍ଯ୍ୟରେ କାର୍ଯ୍ୟରତ ଥିବା ଯେ କୌଣସି ବ୍ୟକ୍ତି ବା ନିଜସ୍ୱ ଜମି ଥାଇ ବା ନ ଥାଇ କୃଷି ଭିତ୍ତିକ କୌଣସି ଦ୍ରବ୍ୟ ଉତ୍ପାଦନ କରୁଥିବା ବ୍ୟକ୍ତି; କୃଷିରେ ସକ୍ରିୟ କାର୍ଯ୍ୟରତ ଥିବା ସମସ୍ତ ବ୍ୟକ୍ତି, କୃଷି ଶ୍ରମିକ, ଭାଗଚାଷୀ, ଭଡା ସୂତ୍ରରେ ଜମି ଚାଷ କରୁଥିବା ବ୍ୟକ୍ତି, କୁକୁଡା ଓ ଅନ୍ୟାନ୍ୟ ପଶୁପକ୍ଷୀ ପାଳନ କରୁଥିବା ବ୍ୟକ୍ତି, ମହୁ ଚାଷୀ, ପଶୁପାଳକ, ଅଣ-କର୍ପୋରେଟ ଉଦ୍ୟାନ ମାଲିକ ବା ପରିଚାଳକ ଓ ଉଦ୍ୟାନ ଶ୍ରମିକ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରି। ଜମି ଲିଜ ସୂତ୍ରରେ ନେଇ ବ ଗୋଷ୍ଠୀଗତ ମାଲିକାନାତ୍ୱରେ ଜମି ଚାଷ କରୁଥିବା ସ୍ୱୟଂ ସହାୟକ ଦଳ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ।

୩। **" ଆୟୋଗ"** ଅର୍ଥାତ କୃଷି ଉତ୍ପାଦ ପାଇଁ ଖର୍ଚ୍ଚ ଓ ଦର ନିର୍ଦ୍ଧାରଣ ଆୟୋଗ, ଏହାଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ଏବଂ ଅନୁସରଣୀୟ ସର୍ତ୍ତାବଳୀ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ପିଛା ଖରଚ ଓ ଏହାର ଦର ନିର୍ଦ୍ଧାରଣ କରିବା ଦିଗରେ କେନ୍ଦ୍ରିତ ହେବ। ୧୧ ଜଣ ସଦସ୍ୟଙ୍କୁ ନେଇ ଏହି ଆୟୋଗ ଗଠନ କରାଯିବ। ବିଭିନ୍ନ ଅଞ୍ଚଳ ଓ କ୍ଷେତ୍ର ପରିସର ଆଧାରରେ ଏହି ସଦସ୍ୟମାନଙ୍କୁ ବଛାଯିବ ଓ ଏଥିରେ କୃଷକ ପ୍ରତିନିଧି ନିଶ୍ଚୟ ରହିବେ। ମହିଳା ଚାଷୀଙ୍କୁ ମଧ୍ୟ ସାମିଲ କରାଯିବ।

୪। **"ରାଜ୍ୟ ଆୟୋଗ"** ଅର୍ଥ ରାଜ୍ୟ ସ୍ତରୀୟ କୃଷି ଉତ୍ପାଦ ପାଇଁ ଖର୍ଚ୍ଚ ଓ ଦର ନିର୍ଦ୍ଧାରଣ ଆୟୋଗ, ଦେଶର ବିଭିନ୍ନ ରାଜ୍ୟରେ ଏହି ଭଳି ରାଜ୍ୟ ସ୍ତରୀୟ ଆୟୋଗ ଗଠନ କରାଯିବ, ଏହି ଆୟୋଗ ନିଜ ରାଜ୍ୟରେ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଥିବା ନିଶ୍ଚିତ ଲାଭକାରୀ ମୂଲ୍ୟ ଠାରୁ ଅଧିକ ମୂଲ୍ୟ ଘୋଷଣା କରିପାରିବେ ଓ ତାହା କାର୍ଯ୍ୟକାରୀ କରିବା ନିମନ୍ତେ ତତ୍ତ୍ୱାବଧାନ କରିବେ।

## ଦ୍ୱିତୀୟ ଅଧ୍ୟାୟ : ସମସ୍ତ କୃଷି ଉତ୍ପାଦର ନିଶ୍ଚିତ ସର୍ବନିମ୍ନ ଲାଭକାରୀ ମୂଲ୍ୟ ପାଇବା ସବୁ ଚାଷୀଙ୍କର ଅଧିକାର

୧। ସମସ୍ତ କୃଷି ଉତ୍ପାଦର ନିଶ୍ଚିତ ଲାଭକାରି ମୂଲ୍ୟ ପାଇବା ସବୁ ଚାଷୀଙ୍କର ଅଧିକାର।

୨। ସରକାର, କୃଷି ଉତ୍ପାଦ ପାଇଁ ଖର୍ଚ୍ଚ ଓ ଦର ନିର୍ଦ୍ଧାରଣ ଆୟୋଗ ମାଧ୍ୟମରେ ଏହି ଆଇନରେ ବର୍ଣ୍ଣିତ ସଜ୍ଞା ଅନୁଯାୟୀ ସମସ୍ତ କୃଷିଜାତ ଦ୍ରବ୍ୟର ଉତ୍ପାଦନ ଖର୍ଚ୍ଚ ଆକଳନ କରିବାର ବ୍ୟବସ୍ଥା କରିବେ, ସମସ୍ତ ଋତୁକାଳୀନ ଫସଲ ତଥା ଉଦ୍ୟାନ ଫସଲ, ଫଳ ଓ ପନିପରିବା, ଦୁଗ୍ଧ ସହିତ ଜଙ୍ଗଲ ଜାତ (ଗୌଣ) ଦ୍ରବ୍ୟ ଏହାର ଅନ୍ତର୍ଭୁକ୍ତ ହେବ।

୩। ଯେଉଁ କୃଷିଜାତ ଦ୍ରବ୍ୟ ପାଇଁ ବର୍ତ୍ତମାନ ଖର୍ଚ୍ଚ ଆକଳନ କରିବାର ବ୍ୟବସ୍ଥା ନାହିଁ, ତାହା କରିବା ଉଦ୍ଦେଶ୍ୟରେ ସରକାର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିବାର ବ୍ୟବସ୍ଥା କରିବେ।

ଏହା, ଗତ ନଭେମ୍ବର ୨୦, ୨୦୧୭ରେ ସର୍ବ ଭାରତୀୟ କୃଷକ ସଂଘର୍ଷ ସମନ୍ୱୟ କମିଟିର ପାର୍ଲାମେଣ୍ଟ ଷ୍ଟ୍ରୀଟ, ନୂଆ ଦିଲ୍ଲୀ ଠାରେ କୃଷକ ମୁକ୍ତି ସଂସଦରେ ଆଗତ କରାଯାଇଥିବା ବିଧେୟକର ସାରାଂଶ ଅଟେ।

୪। ଖର୍ଚ୍ଚ ଆକଳନ କରିବା ସମୟରେ ଖର୍ଚ୍ଚ କରିଥିବା ଅର୍ଥ, ଆରୋପିତ ଖର୍ଚ୍ଚ, କୁଶଳୀ ଶ୍ରମ ହାରରେ ପରିବାରର ଲୋକେ କରିଥିବା ଶ୍ରମର ମୂଲ୍ୟ ଓ ଅନ୍ୟାନ୍ୟ ପରିଚାଳନାଗତ ଖର୍ଚ୍ଚ ପ୍ରଭୃତି ଅନ୍ତର୍ଭୁକ୍ତ କରାଯିବ। ନିୟମିତ ସମୟ ବ୍ୟବଧାନରେ ଏହାର ସମୀକ୍ଷା କରାଯିବ ଓ କାର୍ଯ୍ୟ ପ୍ରଣୟନରେ ଆବଶ୍ୟକୀୟ ପରିବର୍ତ୍ତନ କରାଯିବ।

୫। କୃଷି ଉତ୍ପାଦ ପାଇଁ ଖର୍ଚ୍ଚ ଓ ମୂଲ୍ୟ ନିର୍ଦ୍ଧାରଣ କରିବା ସମୟରେ ଆୟୋଗ ଅତି କମରେ ୫୦% ଲାଭ ରଖି ସମସ୍ତ କୃଷିଜାତ ଦ୍ରବ୍ୟର ନିଶ୍ଚିତ ନିମ୍ନତମ ଲାଭକାରୀ ମୂଲ୍ୟ ସୁପାରିଶ କରିବେ।

୬। ଏହି ମୂଲ୍ୟ ପ୍ରତି ବର୍ଷ ମାର୍ଚ୍ଚ ୩୧ ତାରିଖ ପୂର୍ବରୁବର୍ଷା  ଦିନିଆ ଫସଲ ପାଇଁ ଓ ଅଗଷ୍ଟ ୩୧ ତାରିଖ ପୂର୍ବରୁ ଶୀତଦିନିଆ ଫସଲ ପାଇଁ ଘୋଷଣା କରାଯିବ।

## ତୃତୀୟ ଅଧ୍ୟାୟ : କେନ୍ଦ୍ରୀୟ କୃଷି ଉତ୍ପାଦ ପାଇଁ ଖର୍ଚ୍ଚ ଓ ଦର ନିର୍ଦ୍ଧାରଣ ଆୟୋଗ

୧। ଏଥି ପାଇଁ ବର୍ତ୍ତମାନ ପ୍ରତିଷ୍ଠିତ ଆୟୋଗର ସମ୍ପ୍ରସାରଣ କରି ୧୧ ଜଣ ସଦସ୍ୟ ବିଶିଷ୍ଟ କରାଯିବ ଓ ଜଣେ କୃଷି ଅର୍ଥନୀତି ବିଶେଷଜ୍ଞ ଏହି ଆୟୋଗର ଅଧ୍ୟକ୍ଷ ରହିପାରିବେ।

୨। ଅନ୍ୟ ସଦସ୍ୟମାନେ ନିମ୍ନ ମତେ ରହିବେ: କୃଷି ବିଭାଗ ଦ୍ୱାରା ମନୋନୀତ ଜଣେ ଅଧିକାରୀ, ୫ ଜଣ କୃଷକ ପ୍ରତିନିଧି, ୩ ଜଣ କୃଷି ବିଶେଷଜ୍ଞ ଓ ୧ ଜଣ ସଦସ୍ୟ ସଚିବ।

୩। ଆୟୋଗରେ ଭିନ୍ନ ଭିନ୍ନ ରାଜ୍ୟ ଓ କ୍ଷେତ୍ର ଆଧାରରେ ସବୁ ବର୍ଗର କୃଷକଙ୍କର ପ୍ରତିନିଧିତ୍ୱ ରହିବ, ମହିଳା ଚାଷୀଙ୍କୁ ମଧ୍ୟ ସାମିଲ କରାଯିବ।

୪। ଆୟୋଗର କାର୍ଯ୍ୟରେ ପାରଦର୍ଶିତା ଆଣିବା ନିମନ୍ତେ ଓ ନ୍ୟସ୍ତ ସ୍ୱାର୍ଥ ପ୍ରତି ଦୃଷ୍ଟି ରଖି ରଖିବା ନିମନ୍ତେ ଯଥାଯଥ ବ୍ୟବସ୍ଥା କରାଯିବ।

୫। ଏହି ପରି ଗଠନ କରାଯାଇଥିବା କେନ୍ଦ୍ରୀୟ କୃଷି ଉତ୍ପାଦ ପାଇଁ ଖର୍ଚ୍ଚ ଓ ଦର ନିର୍ଦ୍ଧାରଣ ଆୟୋଗର କ୍ଷମତା ବିଷୟରେ ନିମ୍ନରେ ସୂଚନା ଦିଆଯାଇଛି।

- ଅତି କମରେ ୫୦% ଲାଭ ହାର ରଖି ସମସ୍ତ କୃଷିଜାତ ଦ୍ରବ୍ୟର ଆଶ୍ୱାସିତ ମୂଲ୍ୟ ସ୍ଥିର କରିବେ।
- ଚାଷୀମାନେ ସ୍ଥିର ଓ ଲାଭପ୍ରଦ ମୂଲ୍ୟ ପାଇପାରିବାର ଏକ ପରିବେଶ ସୃଷ୍ଟି କରିବା ନିମନ୍ତେ ସମସ୍ତ ଉପାୟ ସୁପାରିଶ କରିବେ। ଏଥିରେ ବଜାର ସଂରଚନା ଓ ପ୍ରକ୍ରିୟାରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ମଧ୍ୟ ଅନ୍ତର୍ଭୁକ୍ତ ।
- ସମସ୍ତ ଆମଦାନୀ-ରପ୍ତାନୀ ନୀତିରେ ପ୍ରସ୍ତାବ ଦେବାର କ୍ଷମତା ମଧ୍ୟ ଏହି ଆୟୋଗର ରହିବ। ବିଶେଷଜ୍ଞମାନଙ୍କର ପରାମର୍ଶ ନେଇ ଅଧ୍ୟକ୍ଷ ନିଜର ପ୍ରସ୍ତାବ ପ୍ରସ୍ତୁତ କରିବେ। ବାଣିଜ୍ୟ ମନ୍ତ୍ରଣାଳୟକୁ  ନିଶ୍ଚିତ ସର୍ବନିମ୍ନ ଲାଭକାରୀ ମୂଲ୍ୟ ଉପରେ ପ୍ରତିକୂଳ ପ୍ରଭାବ ନ ପଡିବା ଭଳି ପରାମର୍ଶ ଦେବେ।

## ଚତୁର୍ଥ ଅଧ୍ୟାୟ : ରାଜ୍ୟ  କୃଷି ଉତ୍ପାଦ ପାଇଁ ଖର୍ଚ୍ଚ ଓ ଦର ନିର୍ଦ୍ଧାରଣ ଆୟୋଗ

୧। ରାଜ୍ୟ କୃଷି ଉତ୍ପାଦ ପାଇଁ ଖର୍ଚ୍ଚ ଓ ଦର ନିର୍ଦ୍ଧାରଣ ଆୟୋଗର ଗଠନ ଶୈଳୀ କେନ୍ଦ୍ରୀୟ କୃଷି ଉତ୍ପାଦ ପାଇଁ ଖର୍ଚ୍ଚ ଓ ଦର ନିର୍ଦ୍ଧାରଣ ଆୟୋଗ ଗଠନ ଶୈଳୀ ପରି ହେବ ।

୨। ରାଜ୍ୟ କୃଷି ଉତ୍ପାଦ ପାଇଁ ଖର୍ଚ୍ଚ ଓ ଦର ନିର୍ଦ୍ଧାରଣ ଆୟୋଗ କେନ୍ଦ୍ରୀୟ କୃଷି ଉତ୍ପାଦ ପାଇଁ ଖର୍ଚ୍ଚ ଓ ଦର ନିର୍ଦ୍ଧାରଣ ଆୟୋଗ ଦ୍ୱାରା ଘୋଷିତ ନିଶ୍ଚିତ ସର୍ବନିମ୍ନ ଲାଭକାରୀ ମୂଲ୍ୟ ଉପରେ ଅଧିକ ବୋନସ ଘୋଷଣା କରିପାରିବେ (ଉତ୍ପାଦନ ପାଇଁ ଖର୍ଚ୍ଚ ବା ନିର୍ଦ୍ଦିଷ୍ଟ ଫସଲ ପାଇଁ କୌଣସି ସରକାରୀ ପ୍ରୋତ୍ସାହନ ନୀତି ଆଧାରରେ ), ବଜାର ମୂଲ୍ୟ ଉପରେ ସତର୍କ ଦୃଷ୍ଟି ରଖିବେ, ପରିବର୍ତ୍ତିତ ମୂଲ୍ୟ ଅନୁସାରେ ଚାଷୀକୁ ଅଧିକ ଅର୍ଥ ପଇଠ କରିବାର ନିର୍ଦ୍ଦେଶ ଦେବେ (କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ବା ଗୋଷ୍ଠୀର ଅନୁରୋଧରେ), ସରକାରୀ କର୍ମକର୍ତ୍ତାମାନଙ୍କର କାର୍ଯ୍ୟରେ ଅସଫଳତା ବିଷୟରେ ଅନୁସନ୍ଧାନ କରିବେ(ଏହି ପରିପ୍ରେକ୍ଷୀରେ), ଏବଂ କେନ୍ଦ୍ରୀୟ କୃଷି ଉତ୍ପାଦ ପାଇଁ ଖର୍ଚ୍ଚ ଓ ଦର ନିର୍ଦ୍ଧାରଣ ଆୟୋଗକୁ ନିଜର ପ୍ରସ୍ତାବ ପଠାଇବେ।

## ପଞ୍ଚମ ଅଧ୍ୟାୟ : ନିଶ୍ଚିତ ଲାଭକାରୀ ମୂଲ୍ୟ – କାର୍ଯ୍ୟାନ୍ୱୟନ

୧। ଏ.ପି.ଏମ.ସି. ଓ ଅନ୍ୟ ସମସ୍ତ ବଜାରରେ, ପ୍ରତ୍ୟେକ କୃଷିଜାତ ଦ୍ରବ୍ୟର ନିଲାମ ମୂଲ୍ୟ ବା ପ୍ରସ୍ତାବିତ ମୂଲ୍ୟ, ନିଶ୍ଚିତ ସର୍ବନିମ୍ନ ଲାଭକାରୀ ମୂଲ୍ୟ ସ୍ତରରୁ ହିଁ ଆରମ୍ଭ ହେବ, ଏହି ମୂଲ୍ୟ ଠାରୁ କମ ମୂଲ୍ୟରେ କୌଣସି ନିଲାମ ହୋଇପାରିବ ନାହିଁ ।

୨। କୌଣସି କ୍ରେତା, ଏପରିକି ଠିକା କୃଷି ବ୍ୟବସ୍ଥା ଗ୍ରହଣ କରିଥିବା କ୍ରେତା ମଧ୍ୟ ନିଶ୍ଚିତ ସର୍ବନିମ୍ନ ଲାଭକାରୀ ମୂଲ୍ୟ ଠାରୁ କମ ମୂଲ୍ୟରେ କିଣିବେ ନାହିଁ। ଯଦି କେହି ଏପରି କରୁଥିବାର ଧରାପଡ଼ନ୍ତି, ତେବେ କ୍ରେତାଙ୍କ ବିରୁଦ୍ଧରେ ରାଜ୍ୟ ବାଣିଜ୍ୟ ବିଭାଗର ନାମିତ ଅଧିକାରୀ ଆଇନ୍ ଗତ  କାର୍ଯ୍ୟଅନୁଷ୍ଠାନ କରିବେ।

୩।  ଅଧିକ ପରିମାଣର ଓ ଅଧିକ ପ୍ରକାରର ସମସ୍ତ କୃଷିଜାତ ଦ୍ରବ୍ୟ, ସରକାର ଯଥେଷ୍ଟ ସଂଖ୍ୟକ ସ୍ଥାନୀୟ ସଂଗ୍ରହ କେନ୍ଦ୍ର ଖୋଲିବାକୁ ବାଧ୍ୟ ଅଟନ୍ତି।

୪। ସରକାର ଆବଶ୍ୟକୀୟ ଆର୍ଥିକ ସୁବିଧା ଯୋଗାଇ ଦେବା ସଙ୍ଗେ ସଙ୍ଗେ ବଜାରରେ ଫଳପ୍ରସୂ ଓ ସମୟୋଚିତ ହସ୍ତକ୍ଷେପ କରିବାକୁ ବାଧ୍ୟ ଅଟନ୍ତି।

୫। ଚାଷୀମାନେ ଯେମିତି କୌଣସି ବାଧ୍ୟବାଧକତରେ ପଡ଼ି କମ ମୂଲ୍ୟରେ ଫସଲ ବିକ୍ରି କରିବେ ନାହିଁ, ସେଥିପାଇଁ ସରକାର ସବୁ ଫସଲ ପାଇଁ ଗୋଦାମ ଘର ବ୍ୟବସ୍ଥା କରିବାକୁ ବାଧ୍ୟ ଅଟନ୍ତି। ଏପରି ସ୍ଥଳରେ ଫସଲ ମୂଲ୍ୟର ୭୫% ମୂଲ୍ୟ ସଙ୍ଗେ ସଙ୍ଗେ ଚାଷୀଙ୍କୁ ଦେଇଦେବେ।

୬। ଚାଷୀମାନଙ୍କୁ ସଙ୍ଗଠିତ କରିବା ଲାଗି ସରକାର 'କୃଷକ-ଉତ୍ପାଦକ ସଙ୍ଗଠନ' ଗଢ଼ିବାକୁ ବାଧ୍ୟ ଅଟନ୍ତି, ଖାଦ୍ୟ ପ୍ରକ୍ରିୟାକରଣ ଓ  ମାନ ବୃଦ୍ଧି ପାଇଁ ଉଦ୍ୟୋଗଗୁଡିକୁ ଯଥେଷ୍ଟ ଆବଶ୍ୟକୀୟ ଭିତ୍ତିଭୂମି ଓ ପୁଞ୍ଜି ଯୋଗାଇଦେବାକୁ ବାଧ୍ୟ ଅଟନ୍ତି। ।

୭। କୃଷି ଉପକରଣଗୁଡିକର ଦର ନିୟନ୍ତ୍ରଣ, ରିହାତି ଓ ଅନ୍ୟ ଶୃଙ୍ଖଳାବଦ୍ଧ ଯୋଜନା ଏବଂ ଅଳ୍ପ ଖର୍ଚ୍ଚ ବିଶିଷ୍ଟ ସୁସ୍ଥାୟୀ କୃଷି ବ୍ୟବସ୍ଥା ପ୍ରଚାଳନ ଓ ପ୍ରସାରଣ ଆଦି ପଦକ୍ଷେପ ମାଧ୍ୟମରେ କୃଷି ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବାକୁ ବାଧ୍ୟ ଅଟନ୍ତି।

୮। ଚାଷୀଙ୍କୁ ନିଶ୍ଚିତ ସର୍ବନିମ୍ନ ଲାଭକାରୀ ମୂଲ୍ୟ ମିଳିବା ଉଚିତ।

## ଷଷ୍ଠ ଅଧ୍ୟାୟ : ଅଭିଯୋଗ ଶୁଣାଣି ଓ କ୍ଷତିପୂରଣ

୧। ଯେଉଁ ଚାଷୀ ନିଜ ଉତ୍ପାଦର ନିଶ୍ଚିତ ସର୍ବନିମ୍ନ ଲାଭକାରୀ ମୂଲ୍ୟ ପାଇ ନ ଥିବେ, ସେ ବାକି ଅର୍ଥ ପାଇବାକୁ ହକଦାର ହେବେ।

୨। ଜିଲ୍ଲା ସ୍ତରରେ ଏକ ୩ ଜଣିଆ କମିଟି ସ୍ଥାପନ କରାଯିବ। ଏହି କମିଟି ଏହି ଆଇନ ଅନୁସାରେ ବଜାରରେ କୃଷିଜାତ ଦ୍ରବ୍ୟଗୁଡିକର ମୂଲ୍ୟ ନିୟମିତ ପର୍ଯ୍ୟବେକ୍ଷଣ କରିବେ ଓ ଏ ବାବଦରେ ବ୍ୟକ୍ତିଗତ ଅଭିଯୋଗ ଗ୍ରହଣ କରି ସମାଧାନ କରିବେ। ଜଣେ କୃଷକ ପ୍ରତିନିଧି ଓ ସରକାରୀ ବଜାର ଓ କୃଷି ବିଭାଗର ଜଣେ ଜଣେ ପ୍ରତିନିଧିଙ୍କୁ ନେଇ  ଏହି କମିଟିରେ ଗଠନ କରାଯିବ।

୩। କୌଣସି ଚାଷୀ ନିଶ୍ଚିତ ସର୍ବନିମ୍ନ ଲାଭକାରୀ ମୂଲ୍ୟ ଠାରୁ କମ ମୂଲ୍ୟ ପାଇଥିବାର ଅଭିଯୋଗ କଲେ ଏହି କମିଟି ତାଙ୍କୁ ବାକି ଅର୍ଥ କେତେ ଦିଆଯିବ, ଏକ ସରଳ ଓ ସହଜ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ତାହାର  ଅନୁସନ୍ଧାନ କରି ନିର୍ଦ୍ଧାରଣ କରିବେ।

୪। ନିଶ୍ଚିତ ସର୍ବନିମ୍ନ ଲାଭକାରୀ ମୂଲ୍ୟ ଠାରୁ ବଜାର ଦର କମ ଥିଲେ, ଯେଉଁ ଚାଷୀମାନେ କମ ଦରରେ ତାଙ୍କ ଉତ୍ପାଦ ବିକ୍ରି କରିଛନ୍ତି, ସେମାନଙ୍କୁ ବାକି ଅର୍ଥ ଦେବାର ବ୍ୟବସ୍ଥା ଏହି କମିଟି କରିବେ।

୫। ଯଦି କୌଣସି ଚାଷୀ ଉପର ଲିଖିତ ବ୍ୟବସ୍ଥା ଅନୁସାରେ ଆବଶ୍ୟକୀୟ ସହାୟତା ଓ କ୍ଷତିପୂରଣ ନ ପାଆନ୍ତି, ତେବେ ରାଜ୍ୟ ରାଜ୍ୟ କୃଷି ଉତ୍ପାଦ ପାଇଁ ଖର୍ଚ୍ଚ ଓ ଦର ନିର୍ଦ୍ଧାରଣ ଆୟୋଗଙ୍କ ଠାରେ ଅଭିଯୋଗ କରିବେ।

## ସପ୍ତମ ଅଧ୍ୟାୟ : ନିୟମ ଉଲ୍ଲଂଘନ ଓ ଦଣ୍ଡ ବ୍ୟବସ୍ଥା

୧। କେହି ବ୍ୟବସାୟୀ ଏହି ଆଇନରେ ଲେଖାଥିବା କୌଣସି ଅଧିନିୟମ ଖିଲାପ କରୁଥିବାର ଦେଖାଯାଏ, ନିଶ୍ଚିତ ସର୍ବନିମ୍ନ ଲାଭକାରୀ ମୂଲ୍ୟ ଠାରୁ କମ ଦରରେ ଉତ୍ପାଦ କ୍ରୟ କରୁଥିବାର ଜଣାଯାଏ, ତେବେ ଏକ ଲକ୍ଷ ଟଙ୍କା ଜୋରିମାନାରେ ଦଣ୍ଡିତ ହେବେ।

୨। ଦ୍ୱିତୀୟ ଥର ନିୟମ ଉଲ୍ଲଂଘନ କ୍ଷେତ୍ରରେ ଦୁଇ ଲକ୍ଷ ଟଙ୍କା ଜୋରିମାନାରେ ଦଣ୍ଡିତ ହେବେ।

୩। ତୃତୀୟ ଥର ନିୟମ ଉଲ୍ଲଂଘନ କ୍ଷେତ୍ରରେ ଦୁଇ ଲକ୍ଷ ଟଙ୍କା ଜୋରିମାନା ଦେବା ସହିତ ତାଙ୍କର ବ୍ୟବସାୟିକ ଲାଇସେନ୍ସ ଜବତ କରାଯିବ।

୪। ଯଥେଷ୍ଟ ସଂଖ୍ୟକ ସଂଗ୍ରହ କେନ୍ଦ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ଖୋଲା ନ ଗଲେ, ରାଜ୍ୟ ଓ କେନ୍ଦ୍ରର କୃଷି-ବିପଣନ (agri-marketing) ବିଭାଗର ସର୍ବୋଚ୍ଚ କର୍ମକର୍ତ୍ତା ଦଣ୍ଡନୀୟ ହେବେ। ଏଥି ପାଇଁ ତାଙ୍କୁ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡିବ। ସେହିପରି କେହି ସରକାରୀ କର୍ମକର୍ତ୍ତା ରାଜ୍ୟ ସ୍ତରୀୟ ଆୟୋଗର ନିୟମ ଅନୁସାରେ ନିଜ କର୍ତ୍ତବ୍ୟରେ ଖିଲାପ କରୁଥିବାର ଜଣା ପଡିଲେ ଦଣ୍ଡନୀୟ ହେବେ। ଏଥି ପାଇଁ ତାଙ୍କୁ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡିବ।

## ଅଷ୍ଟମ ଅଧ୍ୟାୟ : ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ

୧। କେନ୍ଦ୍ର ସରକାର କୃଷି ପିଛା ବ୍ୟାପକ ଖର୍ଚ୍ଚ ଆକଳନ କରିବାକୁ ଆବଶ୍ୟକୀୟ ଅର୍ଥ ପରିମାଣ ରଖିବେ।

୨। କେନ୍ଦ୍ରୀୟ କୃଷି ଉତ୍ପାଦ ପାଇଁ ଖର୍ଚ୍ଚ ଓ ଦର ନିର୍ଦ୍ଧାରଣ ଆୟୋଗଙ୍କ ଠାରୁ ମୂଲ୍ୟ ସୂଚୀ ସଂକ୍ରାନ୍ତୀୟ ପ୍ରସ୍ତାବ ପାଇବା ପରେ ଯେତେ ଶୀଘ୍ର ସମ୍ଭବ, ସମସ୍ତ କୃଷି ଉତ୍ପାଦର ମୂଲ୍ୟ ଘୋଷଣା କରିବେ; ତା’ ପରେ ରାଜ୍ୟ ସରକାରମାନେ ଏହି ମୂଲ୍ୟ ଉପରେ ଅଧିକ ବୋନସ ଘୋଷଣା କରିପାରନ୍ତି।

୩। ଚତୁର୍ଥ ଅଧ୍ୟାୟରେ ଲେଖା ଯାଇଥିବା ଅଧିନିୟମଗୁଡିକ ନିଶ୍ଚିତ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରତ୍ୟେକ ବଜାରରେ କୃଷି ଉତ୍ପାଦଗୁଡିକର କ୍ରୟ ମୂଲ୍ୟ ପର୍ଯ୍ୟବେକ୍ଷଣ କରିବେ ଏବଂ ପଞ୍ଚମ ଓ ଷଷ୍ଠ ଅଧ୍ୟାୟରେ ବର୍ଣ୍ଣିତ ଅଧିନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅବଶ୍ୟକୀୟ ପଦକ୍ଷେପ ନେବେ।

୪। ନିଶ୍ଚିତ ସର୍ବନିମ୍ନ ଲାଭକାରୀ ମୂଲ୍ୟ ସକାଶେ ସରକାର ପଚାଶ ହଜାର କୋଟି ଟଙ୍କାର ଏକ ଫଣ୍ଡ ଆବଣ୍ଟନ କରିବେ, ତା’ ସହିତ ବର୍ତ୍ତମାନ ଚାଲୁଥିବା ଖାଦ୍ୟ ଯୋଜନା ଅନୁସାରେ କିଣାଯାଉଥିବା କୃଷି ଉତ୍ପାଦ ପାଇଁ ଅଲଗା ଅର୍ଥ ବରାଦ କରିବେ। ଜିଲ୍ଲା ସ୍ତରୀୟ କମିଟିର ସ୍ପଷ୍ଟିକରଣ ଅନୁସାରେ ଚାଷୀମାନଙ୍କୁ ପରିବର୍ତ୍ତିତ ମୂଲ୍ୟ ଆଧାରରେ ଦେବାକୁ ଥିବା ଅଧିକ ଅର୍ଥ ବାବଦକୁ ଉପଯୋଗ କରାଯିବ। କମିଟି ନିର୍ଦ୍ଦେଶ ଦେବାର ଏକ ମାସ ମଧ୍ୟରେ ଏହା କାର୍ଯ୍ୟରେ ପରିଣତ କରାଯିବ।

୫। ରାଜ୍ୟ ସରକାର ନିଜସ୍ୱ ଏକ ଫଣ୍ଡ ସୃଷ୍ଟି କରି କେନ୍ଦ୍ର ସରକାର ଘୋଷଣା କରିଥିବା ନିଶ୍ଚିତ ସର୍ବନିମ୍ନ ଲାଭକାରୀ ମୂଲ୍ୟ ଉପରେ ନିଜେ ଘୋଷଣା କରିଥିବା ବୋନସ ଆଦି ଦେବେ।